# NATIONAL NEWS BULLETIN (ODIA)

**6 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଉଦ୍ଧମପୁର-ଶ୍ରୀନଗର-ବାରମୁଲା ରେଳ ସଂଯୋଗ ପ୍ରକଳ୍ପକୁ ଆଜି ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ପ୍ରଧାନମନ୍ତ୍ରୀ ।
- କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରଗୁଡ଼ିକ ଭାରତକୁ ସବୁବେଳେ ସମର୍ଥନ ପ୍ରଦାନ କରୁଥିବାରୁ ପ୍ରଶଂସା କଲେ ବୈଦେଶିକ ମନ୍ତ୍ରୀ
- ଅମରନାଥ ଯାତ୍ରାକୁ ଏକ ସମନ୍ୱିତ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ସେନାବାହିନୀ ପକ୍ଷରୁ  ଆରମ୍ଭ କରାଯାଇଛି 'ଅପରେସନ ଶିବ' ।
- ବେଙ୍ଗାଲୁରୁ ଦଳାଚକଟା ମୃତ୍ୟୁ ଘଟଣାରେ ଗିରଫ ହେଲେ ୩ଜଣ ।

ଏବଂ

- ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ସିରିଜ୍‌ରେ ଭାଗନେବାକୁ ଆଜି ଭାରତୀୟ କ୍ରିକେଟ୍ ଦଳର ଇଂଲଣ୍ଡ ଯାତ୍ରା ।

## ପିଏମ୍-ଜେକେ ଚେନାବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାଟ୍ରାରୁ ଶ୍ରୀନଗରକୁ ସଂଯୋଗ କରୁଥିବା ବନ୍ଦେ ଭାରତ ଟ୍ରେନ୍‌କୁ ଉଦ୍‌ଘାଟନ କରିଛନ୍ତି । କାଟ୍ରା ରେଳ ଷ୍ଟେସନରୁ ଏହି ବନ୍ଦେ ଭାରତ ଟ୍ରେନ୍‌ର ଶୁଭାରମ୍ଭ କରିବା ପୂର୍ବରୁ ଟ୍ରେନ୍ ଭିତରେ ପ୍ରଧାନମନ୍ତ୍ରୀ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସହିତ ବାର୍ତ୍ତାଳାପ

କରିଛନ୍ତି । ସେ ମଧ୍ୟ ସେଠାରେ ଉପସ୍ଥିତ ରେଳବାଇ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିଛନ୍ତି ।

ଏହା ପୂର୍ବରୁ କାଟ୍ରାରେ ଆଜି ଜାମ୍ମୁ କାଶ୍ମୀରର ରାମବନ ଜିଲ୍ଲାରେ ଚେନାବ ନଦୀ ଉପରେ ବିଶ୍ୱର ସର୍ବୋଚ୍ଚ ରେଳସେତୁର ଉଦ୍‌ଘାଟନ କରିଛନ୍ତି । ଆମ ଜାମ୍ମୁ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ, ଜାମ୍ମୁ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଉଦ୍‌ଘାଯନୀ ଉତ୍ସବରେ  ଉପସ୍ଥିତ ଥିଲେ । ତ୍ରିରଙ୍ଗା ପତାକା ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀ ଚେନାବ ବ୍ରିଜ୍‌କୁ ଉଦ୍‌ଘାଟନ କରିଛନ୍ତି । ପରେ ପ୍ରଧାନମନ୍ତ୍ରୀ ଜାମ୍ମୁ ଡିଭିଜନର ରିଆସି ଜିଲ୍ଲାରେ ଉଧମପୁର-ଶ୍ରୀନଗର-ବାରମୂଳା ରେଳ ଲିଙ୍କ୍ ଉପରେ ଦେଶର ପ୍ରଥମ କେବୁଲ୍ ଷ୍ଟେଡ୍ ଅଞ୍ଜି ରେଳ ସେତୁକୁ ଉଦ୍‌ଘାଟନ କରିଛନ୍ତି ।

୨୭୨ କିଲୋମିଟର ଦୀର୍ଘ ଏହି ପ୍ରକଳ୍ପ ପାଇଁ ୪୪ ହଜାର କୋଟି ଟଙ୍କା ବ୍ୟୟ କରାଯାଇଛି । ଏହି ରେଳ ଲାଇନ୍‌ରେ  ୩୬ଟି ସୁଡ଼ଙ୍ଗ ଓ ୯୪୩ଟି ସେତୁ ରହିଛି । ଏହି ପ୍ରକଳ୍ପ ସଂପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି :

**V/O (Aswin)**

ଚେନାବ ନଦୀ ଉପରେ ୩୫୯ ମିଟର ଉଚ୍ଚତାରେ ଅବସ୍ଥିତ ସର୍ବୋଚ୍ଚ ଚେନାବ ରେଳସେତୁକୁ ପ୍ରଧାନମନ୍ତ୍ରୀ  ଆଜି ପରିଦର୍ଶନ କରିଥିଲେ । ୧୩୧୫ ମିଟର ଦୈର୍ଘ୍ୟ ବିଶିଷ୍ଟ ଇସ୍ପାତରେ ଆଧୁନିକ ଜ୍ଞାନକୌଶଳରେ ଏହି ସେତୁ ନିର୍ମାଣ କରାଯାଇଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମା’ ବୈଷ୍ଣୋଦେବୀଙ୍କ ଦର୍ଶନ କରିଛନ୍ତି । କାଟ୍ରାରେ ଆଜି ୪୬ ହଜାର କୋଟି ଟଙ୍କା ବ୍ୟୟରେ କରାଯାଉଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

---

## ପିଏମ୍-ୟୁଥ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱସ୍ତରରେ ଭାରତର ଯୁବବର୍ଗ ସଫଳତା ଅର୍ଜନ କରୁଥିବା କହିଛନ୍ତି । ଏନ୍‌ଡିଏ ସରକାର କେନ୍ଦ୍ରରେ ୧୧ ବର୍ଷ ପୂର୍ଣ୍ଣ କରିଥିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଯୁବକମାନଙ୍କୁ ସେ ନବୀନତା, ଦୃଢ଼ ଇଚ୍ଛାଶକ୍ତି ଉତ୍ସାହର ପ୍ରତୀକ ବୋଲି ବର୍ଣ୍ଣନା କରି ଗତ ୧୧ ବର୍ଷ ମଧ୍ୟରେ ଦେଶର ଯୁବବର୍ଗଙ୍କ ଯୋଗୁଁ ଭାରତକୁ ସଫଳତା ମିଳିଛି । ସେ କହିଛନ୍ତି, ଷ୍ଟାର୍ଟଅପ୍ ଇଣ୍ଡିଆ ସ୍କିଲ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ ଓ ନୂତନ ଶିକ୍ଷାନୀତି ୨୦୨୦ ଆଦି ସରକାରଙ୍କ ପଦକ୍ଷେପ ଗୁଡ଼ିକ ଯୁବକମାନଙ୍କୁ ସଶକ୍ତ କରିବଂ ପାଇଁ କରାଯାଇଛି । ସଶକ୍ତ ଯୁବାଶକ୍ତି ସଶକ୍ତ ଦେଶ ଗଠନ କରିପାରେ । ବିକଶିତ ଭାରତ ଗଠନ ଉଦ୍ୟମକୁ ଯୁବବର୍ଗଙ୍କ ଅଭୂତପୂର୍ବ ସହଯୋଗ ମିଳିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଶା ପୋଷଣ କରିଛନ୍ତି ।

---

## ଇଣ୍ଡିଆ ସେଣ୍ଟ୍ରାଲ ଏସିଆ ଡାଇଲଗ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ପହଲଗାମଠାରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣକୁ ନିନ୍ଦା କରିବା ସହୀତ ଭାରତକୁ ସବୁବେଳେ ସମର୍ଥନ ପ୍ରଦାନ କରୁଥିବାରୁ କେନ୍ଦ୍ରୀୟ କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରଗୁଡ଼ିକୁ କୃତଜ୍ଞତା ଜଣାଇଛନ୍ତି ।

ନୂଆଦିଲ୍ଲୀଠାରେ ଆରମ୍ଭ ହୋଇଥିବା ଭାରତ-କେନ୍ଦ୍ରୀୟ ଏସିଆ ସମ୍ମିଳନୀର ଚତୁର୍ଥ ବୈଠକରେ ଉଦ୍‌ବୋଧନ ଦେଇ ଡକ୍ଟର ଜୟଶଙ୍କର

କହିଛନ୍ତି, କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରଗୁଡ଼ିକର ଭାରତ ଗୋଟିଏ ବିଶ୍ୱସ୍ତ ଅଂଶୀଦାର । ଗତ ଦଶନ୍ଧିରେ କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ଆର୍ଥିକ, ବାଣିଜ୍ୟିକ ଓ ପୁଞ୍ଜିନିବେଶ ସଂପର୍କ ଦୃଢ଼ ହୋଇଛି । ବିଭିନ୍ନ କ୍ଷେତ୍ରରେ  ସହଯୋଗ ମନୋଭାବ ସହିତ ବିକାଶମୂଳକ ପ୍ରକଳ୍ପରେ ଆଗେଇବା ପାଇଁ କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରଗୁଡ଼ିକୁ ଭାରତ ତା'ର ପ୍ରତିବଦ୍ଧତା ଦୋହରାଇଛି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏହି ବୈଠକରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି । କାଜାକ୍‌ସ୍ତାନ, କିର୍‌ଗିଜ ରିପବ୍ଲିକ, ତାଜିକସ୍ତାନ, ତୁର୍କମେନିସ୍ତାନ ଓ ଉଜ୍‌ବେକିସ୍ତାନର ମନ୍ତ୍ରୀମାନେ ଏହି ବୈଠକରେ ଯୋଗଦେଇଛନ୍ତି । ବାଣିଜ୍ୟ, ସଂଯୋଗୀକରଣ, ବୈଷୟିକ ଜ୍ଞାନକୌଶଳ ସମେତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ କ୍ଷେତ୍ରରେ ଭାରତ ଓ କେନ୍ଦ୍ର ଏସୀୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗକୁ କିଭଳି ଅଧିକ ସଶକ୍ତ କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯିବ । ଏତଦ୍‌ବ୍ୟତୀତ ଆପୋଷ ସ୍ୱାର୍ଥଜଡିତ ବିଭିନ୍ନ ଆଞ୍ଚଳିକ ଓ ବୈଶ୍ୱିକ ସମସ୍ୟା ସମେତ ଆଞ୍ଚଳିକ ସୁରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରୁଥିବା ପ୍ରସଙ୍ଗଗୁଡ଼ିକ ମଧ୍ୟ ଏହି ବୈଠକରେ ସ୍ଥାନ ପାଇବ । ସୂଚନାଯୋଗ୍ୟ, ଏହି ସମ୍ମିଳନୀର ତୃତୀୟ ବୈଠକ ୨୦୨୧ ମସିହା ଡିସେମ୍ବର ମାସରେ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା ।

## ଜେକେ-ଅପରେସନ ଶିବ

ଅମରନାଥ ଯାତ୍ରାକୁ ଏକ ସମନ୍ୱିତ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ସେନାବାହିନୀ ପକ୍ଷରୁ ଜାମ୍ମୁ କାଶ୍ମୀରରେ 'ଅପରେସନ ଶିବ' ଆରମ୍ଭ କରାଯାଇଛି । ଆସନ୍ତା ମାସ ୩ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ୩୮ ଦିନିଆ ଅମରନାଥ ଯାତ୍ରାକୁ ଏହି ଅପରେସନ ମାଧ୍ୟମରେ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯିବ ।

ଗତ ଏପ୍ରିଲ ୨୨ ତାରିଖରେ ପହଲଗାମ ସନ୍ତ୍ରାସବାଦ ଆକ୍ରମଣ ସମେତ ଅନ୍ୟାନ୍ୟ ସୁରକ୍ଷା ଆହ୍ୱାନକୁ ଦୃଷ୍ଟିରେ ରଖି ସିଆର୍‌ପିଏଫ୍, ଜାମ୍ମୁକାଶ୍ମୀର ପୋଲିସ ଏବଂ ଶ୍ରୀ ଅମରନାଥଜୀ ସ୍ରାଇନ ବୋର୍ଡ ସହିତ ଯୋଗାଯୋଗ ରକ୍ଷା କରି ସେନାବାହିନୀ ପକ୍ଷରୁ ଯାତ୍ରୀମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ସମଗ୍ର ଯାତ୍ରାପଥରେ ସିଆର୍‌ପିଏଫ୍, ବିଏସ୍‌ଏଫ୍, ଏସ୍‌ଏସ୍‌ବି, ଆଇଟିବିପି ଏବଂ ସିଆଇଏସ୍‌ଏଫ୍‌ର ୪୨ହଜାରରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯିବା ସହିତ ସିସିଟିଭି କ୍ୟାମେରା ମଧ୍ୟ ସ୍ଥାପନ କରାଯାଇଛି । ଏହାଛଡା ସମଗ୍ର ମାର୍ଗରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଚିକିତ୍ସା ସେବା ଯୋଗାଇ ଦିଆଯିବା ସହିତ ଗମନାଗମନ ଲାଗି ମଧ୍ୟ ବ୍ୟବସ୍ଥା କରାଯାଇଛି । ଗତ ମେ’ ୨୯ ତାରିଖ ଦିନ ଜାମ୍ମୁଠାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅମରନାଥ ଯାତ୍ରାର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବା ସହିତ ଏକ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଥିଲେ ।

## ଭିପି-ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧଡ଼ଖଡ଼ ଦୁଇଦିନିଆ ହିମାଚଳ ପ୍ରଦେଶ ଗସ୍ତରେ ଯାଇ ଆଜି ସିମ୍‌ଲାରେ ପହଞ୍ଚିଛନ୍ତି । ଆନାଡାଲେ ହେଲିପ୍ୟାଡ୍‌ରୁ ରାଜ୍ୟପାଳ ଶିବପ୍ରତାପ ଶୁକ୍ଲା, ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, ଉପମୁଖ୍ୟମନ୍ତ୍ରୀ ମୁକେଶ ଅଗ୍ନିହୋତ୍ରୀ ଉପରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ । ଉପରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଆଜି ସିମଲାସ୍ଥିତ ରାଜଭବନରେ ମଧ୍ୟାହ୍ନ ଭୋଜନର ଆୟୋଜନ କରାଯାଇଛି ।

ଆସନ୍ତାକାଲି ଉପରାଷ୍ଟ୍ରପତି’ ଡକ୍ଟର ଓ୍ୱାଇ.ଏସ୍. ପାର୍ମର ବିଶ୍ୱବିଦ୍ୟାଳୟର ଜଙ୍ଗଲ ଓ ଉଦ୍ୟାନ ବିଭାଗର ଗବେଷକ ଓ ଅଧ୍ୟାପକମାନଙ୍କ ସହିତ ଏକ ବୈଠକରେ ଆଲୋଚନା କରିବେ ।

---

# ଡେଲିଗେସନ

ବିଜେପି ସାଂସଦ ରବିଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଜର୍ମାନୀର ବର୍ଲିନ୍‌ରେ ପହଞ୍ଚିଛନ୍ତି। ପ୍ରତିନିଧି ମଣ୍ଡଳୀକୁ ଜର୍ମାନୀସ୍ଥିତ ଭାରତୀୟ ରାଷ୍ଟ୍ରଦୂତ ଅଜିତ ଗୁପ୍ତେ ସ୍ୱାଗତ କରିଛନ୍ତି । ପ୍ରତିନିଧି ମଣ୍ଡଳୀ ଭାରତ-ଜର୍ମାନୀ ସଂପର୍କକୁ ଦୃଢ଼ କରିବା ପାଇଁ ଆଜି ଭିନ୍ନ ଆଲୋଚନାରେ ଯୋଗଦେବେ ।

ଇତିମଧ୍ୟରେ ସାଂସଦ ଡକ୍ଟର ଶଶୀ ଥରୁରଙ୍କ ନେତୃତ୍ୱରେ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତ କରିଥିବା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଗତକାଲି ରାତିରେ ଓ୍ୱାଶିଂଟନ୍ ଡିସିଠାରେ ଉପରାଷ୍ଟ୍ରପତି ଜେ.ଡି.ଭାନ୍ସଙ୍କ ସହିତ ସାକ୍ଷାତ୍ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଥରୁର କହିଛନ୍ତି ଆତଙ୍କବାଦକୁ ପ୍ରତିହତ କରିବାଠାରୁ ଆରମ୍ଭ କରି ବୈଷୟିକ ଜ୍ଞାନକୌଶଳ ସହଯୋଗ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଛି । ଭାରତ-ଆମେରିକା ରଣନୀତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଏହି ଆଲୋଚନା ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବା ସହିତ ଫଳପ୍ରଦ ହୋଇଛି ବୋଲି ଶ୍ରୀ ଥରୁର୍ କହିଛନ୍ତି । ଏହାଛଡା ଅପରେସନ ସିନ୍ଦୂର ମାଧ୍ୟମରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ବିଲୋପ କରିବା ଦିଗରେ ଭାରତର ପଦକ୍ଷେପ ସମ୍ପର୍କରେ ଏହି ପ୍ରତିନିଧି ମଣ୍ଡଳୀ ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ସହିତ ମଧ୍ୟ କଥାବାର୍ତ୍ତା କରିଛନ୍ତି ।

---

## କେପିସିସି-ପାସେସ୍ ଆଓ୍ୱେ

କେରଳର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେରଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥେନାଲା ବାଲକ୍ରିଷ୍ଣା ପିଲାଇଙ୍କର ୯୫ ବର୍ଷ ବୟସରେ ଦେହାନ୍ତ ହୋଇଛି । ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ସେ ତିରୁବନନ୍ତପୁରମ୍‌ର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସେ ରାଜ୍ୟସଭାକୁ ୩ ଥର ସାଂସଦ ଭାବେ ଓ ବିଧାନସଭାକୁ ୨ ଥର ନିର୍ବାଚିତ ହୋଇଥିଲେ । ସ୍ୱର୍ଗତ ପିଲାଇ କେରଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ଦୁଇଥର କାର୍ଯ୍ୟଭାର ଗ୍ରହଣ କରିଥିଲେ ।

---

## ଟ୍ରମ୍ପ-ମସ୍କ

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଏବଂ ତାଙ୍କର ପୂର୍ବତନ ପରାମର୍ଶଦାତା ବିଶିଷ୍ଟ ଶିଳ୍ପପତି ଏଲନ ମସ୍କଙ୍କ ମଧ୍ୟରେ ମନାନ୍ତର ବଢ଼ିବାରେ ଲାଗିଛି । ଟ୍ରମ୍ପଙ୍କ ଟାକ୍ସ ଓ ବଜେଟ୍ ନୀତିକୁ ଏଲନ ମସ୍କ ଖୋଲାଖୋଲି ଭାବେ ସମାଲୋଚନା କରିଛନ୍ତି । ଏବେ ଉଭୟଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ କଥା କଟାକଟି ଆରମ୍ଭ ହୋଇଛି । ଟାକ୍ସ ଓ ଖର୍ଚ୍ଚ ବିଲ୍‌କୁ ବିରୋଧ କରୁଥିବାରୁ ରାଷ୍ଟ୍ରପତି ଟ୍ରମ୍ପ ଏଲନମସ୍କଙ୍କୁ ସମାଲୋଚନା କରିଛନ୍ତି ।

---

## ଇଣ୍ଡିଆ-ଇଂଲଣ୍ଡ ଟୁର୍

ଆଇସିସି ଟେଷ୍ଟ ବିଶ୍ୱ ଚମ୍ପିୟାନ୍‌ସିପ୍ ୨୦୨୫-୨୭ କ୍ରୀଡ଼ାସୂଚୀର ଅଂଶବିଶେଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ସିରିଜ୍‌ରେ ଭାଗନେବାକୁ ଆଜି ଭାରତୀୟ କ୍ରିକେଟ୍ ଦଳ ଇଂଲଣ୍ଡ ଯାତ୍ରା କରିଛି । ଏହି ସିରିଜ୍ ଚଳିତମାସରୁ ଆରମ୍ଭ ହୋଇ ଆସନ୍ତା ଅଗଷ୍ଟ ମାସ ପର୍ଯ୍ୟନ୍ତ ଚାଲିବ । ଉଭୟ ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ୍ କ୍ରିକେଟରୁ ଅବସର ଘୋଷଣା କରିବା ପରେ ଭାରତ ଏହି ଦ୍ୱିପାକ୍ଷିକ ଟେଷ୍ଟ୍

ସିରିଜ୍ ଖେଳିବା ପାଇଁ ଯାଉଛି । ଟେଷ୍ଟ୍ ସିରିଜ୍ ପାଇଁ ଶୁଭମନ ଗିଲ୍‌ଙ୍କୁ ଅଧିନାୟକ କରାଯାଇଛି । ସୂଚନାଯୋଗ୍ୟ, ୨୦୦୭ ମସିହା ପରଠାରୁ ଭାରତ’ ଇଂଲଣ୍ଡରେ କୌଣସି ଟେଷ୍ଟ୍ ସିରିଜ୍ ଜିତିପାରି ନାହିଁ ।

## ଆରସିବି-ପୋଲିସ୍

ଚିନ୍ନାସ୍ୱାମୀ କ୍ରିକେଟ୍ ଷ୍ଟାଡିୟମରେ ଦଳାଚକଟା ଘଟଣାରେ କର୍ଣ୍ଣାଟକ ପୋଲିସ୍ ଆର୍‌ସିବି କ୍ରିକେଟ୍ ଟିମ୍‌ର ମାର୍କେଟିଂ ମୁଖ୍ୟ ନିଖିଲ ସୋସାଲେଙ୍କ ସମେତ ସୁନୀଲ ମାଥ୍ୟୁ ଏବଂ କିରଣ କୁମାରଙ୍କୁ ଗିରଫ କରିଛି ।

ସୂଚନାଯୋଗ୍ୟ, ଚଳିତବର୍ଷର ଆଇପିଏଲ୍ ଟାଇଟଲ ହାସଲ କରିବା ପରେ ଆର୍‌ସିବି ପକ୍ଷରୁ ବିଜୟ ଉତ୍ସବ ପାଳନ ସମୟରେ ଦଳାଚକଟାରେ ୧୧ଜଣଙ୍କ ମୃତ୍ୟୁ ହୋଇଥିବା ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି କର୍ଣ୍ଣାଟକ ସରକାର ନିର୍ଦ୍ଦେଶ ଦେଇଥିଲେ । ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧରମୈୟା କହିଥିଲେ, ଏହି ଦୁର୍ଘଟଣାର କର୍ଣ୍ଣାଟକ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ମାଇକେଲ୍ ଡି. କୁନାହଙ୍କ ଅଧ୍ୟକ୍ଷତାରେ  ଜଣିକିଆ ବିଚାର ବିଭାଗୀୟ କମିଟି ତଦନ୍ତ କରିବେ । କମିଶନ ୩୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବେ ବୋଲି ସେ କହିଛନ୍ତି ।